ପ୍ରମେୟ
THE PRAMEYA

Dt:18/12/2017

# ରାଜ୍ୟସ୍ତରୀୟ ବାଣିଜ୍ୟ ସମ୍ମିଳନୀ

ଝାଁଜ୍ଳା, ୧୭।୧୨(ଆ.ପ୍ର.): ମଦନପୁର ସ୍ଥିତ ନିସ୍ ଇନଷ୍ଟିଚ୍ୟୁଟ ଅଫ ବିଜିନେସ ଆଡମିନିଷ୍ଟ୍ରେସନ ତରଫରୁ ରାଜ୍ୟସ୍ତରୀୟ ବାଣିଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲକୋର ପୂର୍ବତନ ମ୍ୟାନେଜିଂ ଡାଇରେକ୍ଟର ଏସ.କେ. ତାମୋଟିଆ, ଉତ୍କଳ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ପ୍ରଫେସର ଡକ୍ଟର ରଞ୍ଜନ କୁମାର ବଳ, ଓଏଚପିସିର ଫାଇନାନ୍ସ ନିର୍ଦ୍ଦେଶକ ଡକ୍ଟର ପ୍ରଭାକର ମହାନ୍ତି, ସନମାର୍ଗର ସାଧାରଣ ପରିଚାଳକ ଡକ୍ଟର ଅଶୋକ ପଣ୍ଡା, ଫ୍ୟାକର ମୁଖ୍ୟ କାର୍ଯ୍ୟନିର୍ବାହୀ ସନ୍ତୋଷ କୁମାର ସାହୁ, ଟିସିଏଓର ରାଜ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ସୁମନ ଭଟ୍ଟାଚାର୍ଯ୍ୟ, ଇମାମି ସିମେଣ୍ଟ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଡକ୍ଟର ଅଭିମନ୍ୟୁ କର, ବିଜିନେସ ଷ୍ଟାଣ୍ଡର୍ଡର ବ୍ୟୁରୋ ଚିଫ ଦିଲ୍ଲୀପ ଶତପଥୀ, ଉତ୍କଳ ବିଶ୍ୱ ବିଦ୍ୟାଳୟ ବିଜିନେସ ଆଡମିନିଷ୍ଟ୍ରେସନ ବିଭାଗର ବିଧୁଭୂଷଣ ମିଶ୍ର, ବାଣିଜ୍ୟ ବିଭାଗର ଡକ୍ଟର ରବୀନ୍ଦ୍ର କୁମାର ସ୍ୱାଇଁ, ଡକ୍ଟର ଏସ.କେ. ଡିଗଲ, ଡକ୍ଟର ପି.କେ. ହୋତା, ଯୋଗଦେଇ ବୈଷୟିକ ଜ୍ଞାନ କୌଶଳ ବିଷୟରେ ଆଲୋକପାତ କରିଥିଲେ। ଡେପୁଟି ଡାଇରେକ୍ଟର ପ୍ରଫେସୀର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରର ପ୍ରଫେସର ଭବାନୀ ଶଙ୍କର ରଥ ଓ ସମସ୍ତ ବିଭାଗୀୟ ମୁଖ୍ୟମାନେ ଯୋଗଦେଇ ସମ୍ମିଳନୀର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ସମଗ୍ର ରାଜ୍ୟରୁ ତିନି ଶହରୁ ଅଧିକ ବାଣିଜ୍ୟ ବିଭାଗର ଅଧ୍ୟାପିକା ଓ ଅଧ୍ୟାପକମାନେ ଯୋଗଦେଇ ବାଣିଜ୍ୟ ଶିକ୍ଷାର ପ୍ରଚାର ଓ ପ୍ରସାର ଉପରେ ଆଲୋକପାତ କରି ଏଭଳି ସମ୍ମିଳନୀର ଆବଶ୍ୟକତା ଥିବା କହିଥିଲେ।